# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSESSMENT - 1 (2021-2022)
## CLASS – VI
## SUBJECT – HIGHER ODIA

**TIME- 60 MINUTES** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୪୦X୧=୪୦)**

ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସ ଜାପାନର ରାଜଧାନୀ ଟୋକିଓରେ ଆରମ୍ଭ ହୋଇଛି । ଅଗଷ୍ଟ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ବିଶ୍ୱର ଏହି ସର୍ବୋଚ୍ଚ କ୍ରୀଡ଼ାମଞ୍ଚରେ ୨୦୬ଟି ଦେଶର ପ୍ରାୟ ୧୧୩୦୦ କ୍ରୀଡ଼ାବିତ୍ ଭାଗ ନେଉଛନ୍ତି । ୩୩ଟି କ୍ରୀଡ଼ାରେ ୩୩୯ଟି ସ୍ୱର୍ଣ୍ଣପଦକ ପାଇଁ ପ୍ରତିଯୋଗିତା ହେବ । କରୋନା ମହାମାରୀ ଯୋଗୁଁ ବନ୍ଦ ଷ୍ଟାଡ଼ିୟମ୍‌ରେ କ୍ରୀଡ଼ା ପ୍ରତିଯୋଗିତା ହେବ । ଜାପାନ୍‌ର ସମ୍ରାଟ୍ ନାରୁହିତୋ ଏହି କ୍ରୀଡ଼ାଉତ୍ସବକୁ ଉଦ୍‌ଘାଟନ କରିଛନ୍ତି । ଭାରତର ୧୨୭ଜଣିଆ ଦଳ ୧୮ଟି କ୍ରୀଡ଼ାରେ ଭାଗନେବେ । ଓଡ଼ିଶାରୁ ଏଥର ଦୌଡ଼କୁଦରେ ଦୂତି ଚାନ୍ଦ, ପୁରୁଷ ହକି ଦଳରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ତଥା ମହିଳା ହକି ଦଳରେ ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ ଏହିପରି ୫ ଜଣ କ୍ରୀଡ଼ାବିତ୍ ଟୋକିଓ ଯାଇଛନ୍ତି । ଅତୀତରେ ଭାରତ ୨୪ଟି ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇ ୨୮ଟି ପଦକ ହିଁ ହାସଲ କରିଛି । ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ଆମର କ୍ରୀଡ଼ାବିତ୍ ସର୍ବଶ୍ରେଷ୍ଠ ସଫଳତା ପାଇ ୬ଟି ପଦକ ଜିତିପାରିଥିଲେ । ଏଥିରୁ ଏହି କ୍ରୀଡ଼ା ପ୍ରତିଯୋଗିତା କେତେ କଠିନ ତାହା ସହଜେ ଅନୁମେୟ । ୧୮୯୬ ମସିହାରେ ଗ୍ରୀସ ରାଜଧାନୀ ଏଥେନ୍ସରେ ଆୟୋଜିତ ହୋଇଥିଲା ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା । ବାରୋଁ ପିୟର ଡି କୁବର୍ଟିନଙ୍କ ଅକ୍ଲାନ୍ତ ଉଦ୍ୟମ ଫଳରେ ଊନବିଂଶ ଶତାବ୍ଦୀର ଶେଷଭାଗରେ ଏହି କ୍ରୀଡ଼ାର ପୁନରୁଦ୍ଧାର ହୋଇଥିଲା । କୋରୋବସ ନାମକ ଜଣେ ରୋଷେୟା ପ୍ରଥମ ପ୍ରାଚୀନ ଅଲିମ୍ପିକ୍ସରେ ୧୯୨ ମିଟର ପଦଦୌଡ ଖେଳରେ ବିଜୟୀ ହୋଇଥିଲା । ପଦଦୌଡକୁ 'ଷ୍ଟେଡ' କୁହାଯାଉଥିଲା । ଏହି 'ଷ୍ଟେଡ' ଶବ୍ଦରୁ ହିଁ ଆଧୁନିକ ଷ୍ଟାଡ଼ିୟମ୍ ଶବ୍ଦର ଉତ୍ପତ୍ତି ହୋଇଛି ।

**ପ୍ରଶ୍ନାବଳୀ :**

**୧. କାହାର ଅକ୍ଲାନ୍ତ ଉଦ୍ୟମ ଫଳରେ ଅଲିମ୍ପିକ୍ କ୍ରୀଡ଼ାର ପୁନରୁଦ୍ଧାର ହୋଇଥିଲା ?**

(i) ସମ୍ରାଟ ଥିଓଡ଼ରସ୍

(ii) ବାରୋଁ ପିୟର ଡି କୁବର୍ଟିନ

(iii) ଜିଉସ୍

(iv) କୋରୋବସ

**୨. ମହିଳା ହକି ଦଳରେ ଓଡ଼ିଶାରୁ କିଏ ସ୍ଥାନ ପାଇଛନ୍ତି ?**

(i) ଦୂତି ଚାନ୍ଦ

(ii) ବୀରେନ୍ଦ୍ର ଲାକ୍ରା

(iii) ଅମିତ ରୋହିଦାସ

(iv) ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ

**୩. ଚଳିତ ବର୍ଷ ଅଲିମ୍ପିକ୍ସ କ୍ରୀଡ଼ାରେ ସର୍ବମୋଟ୍ କେତୋଟି ଦେଶ ଭାଗ ନେଉଛନ୍ତି ?**

(i) ୨୦୬ଟି ଦେଶ

(ii) ୧୯୨ଟି ଦେଶ

(iii) ୧୨୭ଟି ଦେଶ

(iv) ୩୩୯ଟି ଦେଶ

**୪. କେଉଁ ଶବ୍ଦରୁ ହିଁ ଆଧୁନିକ ଷ୍ଟାଡ଼ିୟମ୍ ଶବ୍ଦର ଉତ୍ପତ୍ତି ହୋଇଛି ?**

(i) 'ଷ୍ଟେଡ' ଶବ୍ଦରୁ

(ii) 'ପଦଦୌଡ' ଶବ୍ଦରୁ

(iii) 'ଷ୍ଟୁଡ଼' ଶବ୍ଦରୁ

(iv) 'ଷ୍ଟାଡ଼ି' ଶବ୍ଦରୁ

**୫. ଚଳିତ ବର୍ଷ ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ଅଲିମ୍ପିକ୍ସ ପ୍ରତିଯୋଗିତା କେଉଁଠାରେ ଆରମ୍ଭ ହୋଇଛି ?**

(i) ଲଣ୍ଡନର ଗ୍ରେଟ୍‌ବ୍ରିଟେନ୍

(ii) ବ୍ରାଜିଲ୍‌ର ମାର୍କାନା

(iii) ଜାପାନ୍‌ର ଟୋକିଓ

(iv) ସାଉଥ୍ କୋରିଆର ପ୍ୟାୟଂଚେଙ୍ଗରେ

**୬. 'ଗ୍ରୀଷମ' ଶବ୍ଦର ଗଦ୍ୟରୂପ କ'ଣ ହେବ ?**

(i) ଗ୍ରିଷ୍ମ

(ii) ଗ୍ରୀଶ୍ମ

(iii) ଗ୍ରୀଷ୍ମ

(iv) ଗ୍ରୀସ୍ମ

**୭. 'ତପତ' ଶବ୍ଦର ଗଦ୍ୟରୂପ କ'ଣ ହେବ ?**

a) ଉତ୍ତପ୍ତ

b) ତପ୍

c) ତପ୍ତ

d) ତପ୍ର

**(i)** (a) , (b) , ଓ (d) ଠିକ୍ କିନ୍ତୁ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ କିନ୍ତୁ (a) , (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**୮. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛ ?**

**(i)** ବିଶେସ

(ii) ବିଷେସ

(iii) ବିଶେଶ

(iv) ବିଶେଷ

**୯. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛ ?**

**(i)** ବାଲ୍ମୀକି

(ii) ବାଲ୍ମିକୀ

(iii) ବାଲ୍ମିକି

(iv) ବାଲ୍ମୀକୀ

**୧୦. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛ ?**

**(i)** ସଂକିର୍ଣ୍ଣ

(ii) ଶଂକୀର୍ଣ୍ଣ

(iii) ସଂକୀର୍ଣ୍ଣ

(iv) ଷଂକୀର୍ଣ୍ଣ

**୧୧. ଏଥିମଧ୍ୟରୁ କେଉଁ ଶବ୍ଦଟିର ବନାନ୍ ଠିକ୍ ?**

**a)** ସମୁଖ

b)ସମ୍ମୁଖ

c)ସମୂଖ

d)ସମ୍ମୂଖ

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (a) ଠିକ୍ କିନ୍ତୁ (b) ଓ (c) ଭୁଲ୍ ।

**(iii)** କେବଳ(b) ଠିକ୍ ଏବଂ (d) , (c) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୧୨. 'ତ୍ରାସ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ନିର୍ଭୟ

(ii) ଭୟ

(iii) ଆନନ୍ଦ

(iv) ଦୁଃଖ

୧୩. **'ମଣ୍ଡୂକ' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?**

(i) ଛତୁ

(ii) ମେଘ

(iii) ବେଙ୍ଗ

(iv) ବିଜୁଳି

**୧୪. 'ବିଲୟ' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ?**

**(i)** ଲକ୍ଷ୍ୟ

(ii) ବିଲୋପ

(iii) ଧ୍ୱନିତ

(iv) ବିପ୍ଳବ

**୧୫. 'ଆଲେଖ୍ୟ' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ?**

**(i)** ଚିତ୍ର

(ii) ପ୍ରକାଶ

(iii) ଲେଖକ

(iv) ଚରିତାର୍ଥ

**୧୬. 'ନିଃସହାୟା' ଶବ୍ଦର ଅର୍ଥ କ'ଣ ?**

**(i)** ଯାହାର ପିତାମାତା ସହାୟକ

(ii) ଯେଉଁ ଲୋକର କେହି ସହାୟକ ନାହାଁନ୍ତି

(iii) ଯେଉଁ ସ୍ତ୍ରୀର କେହି ସହାୟକ ନାହାଁନ୍ତି

(iv) ଯିଏ ସର୍ବଦା ଅନ୍ୟକୁ ସହାୟତା ପ୍ରଦାନ କରନ୍ତି

**୧୭. 'ପରୱାନା' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ?**

**a)** ଆଦେଶ ପତ୍ର

b) ବରଖାସ୍ତ କରିବା

c) ନିମନ୍ତ୍ରଣ କରିବା

d) ଅନୁରୋଧ କରିବା

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (a) ଠିକ୍ କିନ୍ତୁ (b) ଓ (c) ଭୁଲ୍ ।

**(iii)** କେବଳ(b) ଠିକ୍ ଏବଂ (d) , (c) ଓ (a) ଭୁଲ୍ ।

**(iv)** କେବଳ (a) ଠିକ୍ କିନ୍ତୁ (c), (b) ଓ (d) ଭୁଲ୍ ।

**୧୮. ଗ୍ରୀଷ୍ମଋତୁର ପୂର୍ବରୁ କେଉଁ ଋତୁ ଆସେ** ?

**(i)** ବର୍ଷା

**(ii)** ବସନ୍ତ

**(iii)** ଶରତ

**(iv)** ଶୀତ

**୧୯. 'ବର୍ଷା' କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ** ?

**(i)** ନବମ

**(ii)** ଦଶମ

**(iii)** ବିଂଶ

**(iv)** ଏକବିଂଶ

**୨୦. 'ବର୍ଷା' କବିତାର କବି କେଉଁ ଶତାବ୍ଦୀର କବି ଅଟନ୍ତି ?**

**(i)** ପଞ୍ଚଦଶ ଶତାବ୍ଦୀ

(ii) ଷଡ଼ଶ ଶତାବ୍ଦୀ

(iii) ସପ୍ତଦଶ ଶତାବ୍ଦୀ

(iv) ଅଷ୍ଟଦଶ ଶତାବ୍ଦୀ

**୨୧. ପ୍ରାଣୀମାନଙ୍କର ଜୀବନ ବୋଲି କବି କାହାକୁ କହିଛନ୍ତି ?**

**(i)** ଜଳ

**(ii)** ପିତାମାତା

**(iii)** ଚାଉଳ

(iv) ବୃକ୍ଷ

**୨୨. ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?**

**a)** ପୂର୍ବାହ୍ଣରେ

**b)** ସନ୍ଧ୍ୟାବେଳେ

**c)** ମଧ୍ୟାହ୍ନରେ

d) ରାତିରେ

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) , (d) ଏବଂ (b) ଠିକ୍ କିନ୍ତୁ (a) ଓ ଭୁଲ୍ ।

**(iv)** (a) , (b) , (c) ଭୁଲ୍ ଓ (d) ଠିକ୍

**୨୩. ମେଘମାନେ କେଉଁଠି ମିଳିତ ହୁଅନ୍ତି ?**

**(i)** ବଣରେ

**(ii)** ନଦୀରେ

**(iii)** ସମୁଦ୍ରରେ

(iv) ଶୂନ୍ୟପଥରେ

**୨୪. ବର୍ଷା ଋତୁକୁ ସକଳ ଋତୁମାନଙ୍କର ସାର ବୋଲି କବି କାହିଁକି କହିଛନ୍ତି ?**

**a)** ବର୍ଷାଋତୁ ଆଗମନରେ ଧରାପୃଷ୍ଠ ଶସ୍ୟ ସମ୍ପଦରେ ପରିପୂର୍ଣ୍ଣ ହୋଇଯାଏ ।

**b)** ପ୍ରାଣୀ ଓ ଉଦ୍ଭିଦ ଜଗତର ଖାଦ୍ୟାଭାବ ଓ ଜଳାଭାବ ଦୂର ହୁଏ ।

**c) ବର୍ଷାଋତୁର ଆଗମନରେ ପୋଖରୀ , ନଦୀ ନିଜର ପୂର୍ଣ୍ଣରୂପ ଫେରିପାଇ ଥାଆନ୍ତି ।**

d) ବର୍ଷାଋତୁର ଆଗମନରେ ଧରାପୃଷ୍ଠ କାନ୍ଦିଉଠେ ।

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (d) ଠିକ୍ କିନ୍ତୁ (b) ଓ (a) ଭୁଲ୍ ।

**(iii)** କେବଳ(d) ଠିକ୍ ଏବଂ (b) , (c) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୨୫.ମହାକାବ୍ୟରେ ବର୍ଣ୍ଣିତ ମହାପୁରୁଷମାନେ କାହିଁକି ଅରଣ୍ୟରେ ସମୟ ଅତିବାହିତ କରୁଥିଲେ ?**

a) ଶାନ୍ତି ପାଇବା ନିମନ୍ତେ

b) ଜୀବନର ସଂଯମ ଓ ସାଧନା ନିମନ୍ତେ

c) ସାମ୍ରାଜ୍ୟ ଜୟ କରିବାର କୌଶଳ ନିମନ୍ତେ

d) ଶାନ୍ତିର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ

(i) ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

(ii) ଉଭୟ (c) ଓ (d) ଠିକ୍ କିନ୍ତୁ (b) ଓ (a) ଭୁଲ୍ ।

(iii) କେବଳ(b) ଠିକ୍ ଏବଂ (a) , (c) ଓ (d) ଭୁଲ୍ ।

(iv) (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୨୬. ଭାରତର ମହାପୁରୁଷମାନେ ଅରଣ୍ୟକୁ କେଉଁ ରୂପେ ନିରୂପଣ କରିଥିଲେ ?**

(i) ସାଧନା ଏବଂ ସିଦ୍ଧିର ସ୍ଥାନ

(ii) ବିହାର ଓ ସଂହାର ସ୍ଥାନ

**(iii)** ସମିଧ ସଂଗ୍ରହ

(iv) ଝରଣାର ସ୍ଥାନ

**୨୭. 'ଉତ୍ତର ରାମ ଚରିତ' କାବ୍ୟର ରଚୟିତା କିଏ ?**

**(i)** ବାଲ୍ମୀକି

**(ii)** ବ୍ୟାସଦେବ

**(iii)** ଭବଭୂତି

(iv) କାଳିଦାସ

**୨୮. ପୁରାତନ ଭାରତର ଛାତ୍ରମାନେ କେଉଁ ସ୍ଥାନରେ ରହି ଶିକ୍ଷାଲାଭ କରୁଥିଲେ ?**

**(i)** ସ୍ୱଗୃହରେ

**(ii)** ନଦୀକୂଳରେ

**(iii)** ଆର୍ଯ୍ୟଋଷିଙ୍କ ଚରଣତଳେ

(iv) ଉପବନରେ

**୨୯. ପଣ୍ଡିତ ଗୋପବନ୍ଧୁ ଦାସ କେଉଁ ସାହିତ୍ୟପତ୍ରର ପ୍ରତିଷ୍ଠାତା ?**

**(i)** ଝଙ୍କାର

**(ii)** ବୋଧଦାୟିନୀ

**(iii)** ସତ୍ୟବାଦୀ

(iv) ସମାଜ

**୩୦.ରାଜା ମହାରାଜାମାନେ ଜୀବନରେ କାହାର ଆଶ୍ରୟ ନେଇ ନିଜକୁ କୃତାର୍ଥ ମଣୁଥିଲେ ?**

a) ରାଜପ୍ରାସାଦ

b) ସମଗ୍ର ସାମ୍ରାଜ୍ୟ

c) ମୁନି ବନ ତରୁଛାୟା

d) ଅସ୍ତ୍ରଶସ୍ତ୍ର

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(ii)** ଉଭୟ (c) ଓ (a) ଠିକ୍ କିନ୍ତୁ (b) ଓ (d) ଭୁଲ୍ ।

**(iii)** କେବଳ(c) ଠିକ୍ ଏବଂ (b) , (d) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୩୧.କେଉଁମାନଙ୍କର ପବିତ୍ର ସ୍ମୃତି ଏବେ ବି ଭାରତୀୟଙ୍କ ପ୍ରାଣରେ ଗୌରବ ଜନ୍ମାଉଛି ?**

(i) ରାଜା ମହାରାଜମାନଙ୍କର

(ii) ନିଷ୍ଠାପର ଶିଷ୍ୟମାନଙ୍କର

(iii) ପବିତ୍ର ଗ୍ରନ୍ଥମାନଙ୍କର

(iv) ଯୋଗୀ ଋଷିମାନଙ୍କର

**୩୨. ଭାରତୀୟ ଭାବୁକମାନେ କାହିଁକି ପ୍ରକୃତିକୁ ସମସ୍ତ ପ୍ରେରଣାର ଉତ୍ସ ବୋଲି ଗ୍ରହଣ କରିଛନ୍ତି?**

**a)** ଜଡ଼ ଯୋଗୁଁ

**b)** ସ୍ଥିର ଯୋଗୁଁ

**c)** ଅସ୍ଥିର ଯୋଗୁଁ

d) ମହାଶକ୍ତି ଯୋଗୁଁ

**(i)** କେବଳ (d) ଠିକ୍ କିନ୍ତୁ (a) , (b) ଓ (c) ଭୁଲ୍ ।

**(ii)** ଉଭୟ (c) ଓ (a) ଠିକ୍ କିନ୍ତୁ (b) ଓ (d) ଭୁଲ୍ ।

**(iii)** କେବଳ(c) ଠିକ୍ ଏବଂ (b) , (d) ଓ (a) ଭୁଲ୍ ।

**(iv)** (d) ଭୁଲ୍ କିନ୍ତୁ (a) , (b) ଓ (c) ଠିକ୍ ।

**୩୩. ରାୟ ଘୋଷଣା ପରେ କାଜି ସୁଲ୍‌ତାନଙ୍କୁ କ'ଣ କହିଲେ ?**

a) ଜାହାଁପନା , ଆପଣ ମୋତେ କ୍ଷମା କରିବେ ।

b) ମୁଁ କେବଳ ମୋର କର୍ତ୍ତବ୍ୟ କରିଛି ।

c) ଆପଣ ଭଳି ସୁଲତାନ୍ ଏ ରାଜ୍ୟର ଗୌରବ ।

d) ଆପଣ ମୋ ଉପରେ ରାଗ କରିନାହାନ୍ତି ତ ?

**(i)** (a) , (b) , ଓ (d) ଠିକ୍ କିନ୍ତୁ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) ଏବଂ (a) ଠିକ୍ କିନ୍ତୁ (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**୩୪. କାଜିଙ୍କ ସାହାସ ଦେଖି ଲୋକେ କ'ଣ ଭାବିଲେ ?**

**(i)** ସୁଲତାନ ଆଜି କାଜିଙ୍କୁ ଖୁବ୍ ପ୍ରଶଂସା କରିବେ ।

(ii) ସୁଲ୍‌ତାନ ତାଙ୍କୁ ଆଜି ନିଶ୍ଚେ ଚାକିରିରୁ ବରଖାସ୍ତ କରିବେ ।

(iii) ସୁଲତାନ ଆଜି କାଜିଙ୍କ ସହିତ କିଛି ମନ୍ତ୍ରଣା କରିବେ ।

(iv) କାଜି ପ୍ରକୃତରେ ଆମ ରାଜ୍ୟର ଗୌରବ ।

**୩୫.** 'ଉତ୍କଳ ସାହିତ୍ୟ' ପତ୍ରିକାର ପ୍ରତିଷ୍ଠାତା କିଏ ?

**(i)** ଗୋପବନ୍ଧୁ ଦାସ

**(ii)** ମଧୁସୂଦନ ଦାସ

**(iii)** ବିଶ୍ୱନାଥ କର

**(iv)** ସୁନନ୍ଦ କର

**୩୬. ରାଜକାର୍ଯ୍ୟରୁ ଅବସର ପାଇଲେ,ଗିଆସୁଦ୍ଦିନ୍ କ'ଣ କରୁଥିଲେ ?**

**(i)** ଭ୍ରମଣ କରୁଥିଲେ

**(ii)** ଶୟନ କରୁଥିଲା

**(iii)** ସଂଗୀତ ଗାନ କରୁଥିଲେ

**(iv)** ଲାଖ ବିନ୍ଧାରେ ମାତୁଥିଲେ

**୩୭. ସୁଲ୍‌ତାନ ଶାସନ କାର୍ଯ୍ୟ ପାଇଁ କାହାକୁ ନିଯୁକ୍ତ କରିଥିଲେ ?**

a) ଅଭିଜ୍ଞ କାଜିମାନଙ୍କୁ

b) ଟାଣୁଆ ସୁବେଦାର

c) ପ୍ରଜାମାନଙ୍କୁ

d) ପିଆଦାମାନଙ୍କୁ

**(i)** ସମସ୍ତ (a) , (b) , ଓ (d) ଠିକ୍ କିନ୍ତୁ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ ଭୁଲ୍ ।

**(iii)** କେବଳ (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**୩୮. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନରେ ଧାରଣା ପାଇଁ (ଅ) ଏବଂ କାରଣ ନିମନ୍ତେ (ଆ) ଭାବରେ ଚିହ୍ନିତ ଦୁଇଟି ଉକ୍ତି ଅଛି । ନିମ୍ନରେ ଦିଆଯାଇଥିବା କୋଡ୍ ଅନୁଯାୟୀ ନିଜର ଉତ୍ତର ଚିହ୍ନିତ କର :**

**ଧାରଣା (ଅ): ବର୍ଷାଋତୁକୁ ସବୁଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଋତୁ କୁହାଯାଇଛି ।**

**କାରଣ (ଆ) : ବର୍ଷାଋତୁ ଆଗମନରେ ଧରାପୃଷ୍ଠରେ ବନ୍ୟା ପରିଲକ୍ଷିତ ହୁଏ ।**

(i) ଉଭୟ (ଅ) ଏବଂ (ଆ)ସତ୍ୟ ଏବଂ (ଆ) ହେଉଛି (ଅ) ରଠିକ୍ ବ୍ୟାଖ୍ୟା ।

(ii) ଉଭୟ (ଅ) ଏବଂ (ଆ) ସତ କିନ୍ତୁ (ଆ) (ଅ) ର ଠିକ୍ ବ୍ୟାଖ୍ୟା ନୁହେଁ ।

(iii) (ଅ) ସତ କିନ୍ତୁ (ଆ) ମିଥ୍ୟା ଅଟେ ।

(iv) (ଅ) ମିଥ୍ୟା କିନ୍ତୁ (ଆ) ସତ ଅଟେ ।

୩୯. 'କ' ସ୍ତମ୍ଭର ଶବ୍ଦ ସହିତ ସାମଞ୍ଜସ୍ୟ ଥିବା 'ଖ' ସ୍ତମ୍ଭକୁ ଯୋଗ କର ।

| | |
|---|---|
| **1.** ସାଧନା | **(a)**ପ୍ରଦେଶ |
| **2.** ଚିନ୍ତା | **(b)**ବନପ୍ରଦେଶ ମୁଖରିତ ହେଉନାହିଁ |
| **3.** ଅରଣ୍ୟ | **(c)**ପାଠ |
| **4.** ଶତଶତ ଶିଷ୍ୟଙ୍କ ବେଦଧ୍ୱନିରେ | **(d)**ପ୍ରାଣରେ ଅନୁଭବ କରୁଥିଲେ |
| 5. ବନସ୍ପତିର ମାହାତ୍ମ୍ୟ | **(e)**ସ୍ରୋତ |

**(i) 1-c ,2-b ,3-d ,4 -b , 5-e**
**(ii) 1-c , 2-d , 3- a , 4 -b ,5-e**
**(iii) 5-d, 4-b,3-a,2-e,1-c**
**(iv) 4-b,3-c,2-e, 1-a , 5-d**

୪୦. ସାହାଜାନ୍ ଥିଲେ ସମ୍ରାଟ୍ । ନିଜ ରାଜକାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ସେ ଟାଣୁଆ ସୁବେଦାରମାନଙ୍କୁ ନିଯୁକ୍ତ କରିଥିଲେ । ଏକଦା ତାଙ୍କ ସ୍ତ୍ରୀ ବନ୍ଧୁକଚାଳନା ଶିକ୍ଷାକରୁଥିବା ସମୟରେ ହଠାତ୍ ଗୁଳିଟି ଯାଇ ବଗିଚାରେ କାମକରୁଥିବା ମାଳୀ ଉପରେ ବାଜିବାରୁ ତାର ମୃତ୍ୟୁ ହେଲା । ମାଲୁଣୀ ଆସି ରାଜଦରବାରରେ ରାଣୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲା । ଏଥିରେ ପାତ୍ରମନ୍ତ୍ରୀ ସ୍ତବ୍ଧ ହେଲେ । ସାହାଜାନ୍ ରାଣୀଙ୍କୁ ରାଜଦରବାରରେ ଉପସ୍ଥିତ ହେବାକୁ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ମାତ୍ର ରାଜପରିଷଦର ସମସ୍ତ ସଦସ୍ୟ ରାଣୀଙ୍କୁ ଦରବାରକୁ ଆଣିବାକୁ ମନା କଲେ । ସେମାନେ ପରାମର୍ଶ ଦେଲେ ମାଲୁଣୀକୁ ଏତେ ସମ୍ପତ୍ତି ପ୍ରଦାନ କରାଯାଉ ସେ ଜୀବନ ସାରା ସୁଖରେ ରହିପାରିବ । ମାତ୍ର ରାଣୀଙ୍କୁ ରାଜସଭାରେ ଦୋଷୀଭାବରେ ଛିଡ଼ାକରାନଯାଉ । ସମ୍ରାଟଙ୍କୁ ସୁବେଦାର ପରାମର୍ଶ ଦେଲେ , ଜଣେ ସାଧାରଣ ପ୍ରଜାପାଇଁ ରାଣୀଙ୍କୁ ଦଣ୍ଡିତ କରିବା ଯୁକ୍ତିସଙ୍ଗତ ନୁହେଁ । ଏପରି ସ୍ଥିତିରେ ସମ୍ରାଟ ମାଲୁଣୀକୁ କିପରି ନ୍ୟାୟ ପ୍ରଦାନ କରିବେ ? ତାହା ଦେଖିବାକୁ ସମସ୍ତେ ଉତ୍କଣ୍ଠିତ ହୋଇ ଉଠିଛନ୍ତି ।

**ପ୍ରଶ୍ନ : ଏପରି ସ୍ଥିତରେ ସାହାଜାନ୍‌ଙ୍କ କର୍ତ୍ତବ୍ୟ କ'ଣ ହେବା ଉଚିତ ?**

(i) **ମାଲୁଣୀକୁ ଯଥେଷ୍ଟ ସମ୍ପତ୍ତି ପ୍ରଦାନ କରିବା ।**
(ii) **ସୁବେଦାର ପରାମର୍ଶକୁ ଗ୍ରହଣ କରିବା ।**
(iii) **ସାଧାରଣ ପ୍ରଜାପାଇଁ ରାଣୀଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବା ।**
(iv) ମାଲୁଣୀର ଏ ଦୁଃସାହସିକତା ପାଇଁ ତାକୁ କାରାଦଣ୍ଡରେ ଦଣ୍ଡିତ କରିବା ।

*****************